ହରିଜନ ଉପଯୋଜନା ଆନୁକୂଲ୍ୟରେ ପ୍ରକାଶିତ














**Printed at:**
Ankita Graphics, Bhubaneswar-751015
saroj77337@gmail.com, Cell : 9437077337



# କୃଷି କ୍ଷେତ୍ରରେ ସମ୍ଭାବ୍ୟ ଆପତ୍କାଳୀନ ପରିସ୍ଥିତି ଏବଂ ଏହାର ମୁକାବିଲା





ଆଲେଖ୍ୟ
ସୁଶ୍ରୀ ଋତୁପର୍ଣ୍ଣା ପାଇକରାୟ
ବିଶେଷଜ୍ଞ (କୃଷି ଓ ପାଣିପାଗ ବିଜ୍ଞାନ)

ସଂପାଦନା
ଡ. ଇପ୍‌ସିତା ମିଶ୍ର
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ମୁଖ୍ୟ ସମ୍ପାଦକ
ଡଃ. ଦେବାଶିଷ ମିଶ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# କୃଷି କ୍ଷେତ୍ରରେ ସମ୍ଭାବ୍ୟ ଆପତ୍ତକାଳୀନ ପରିସ୍ଥିତି ଏବଂ ଏହାର ମୁକାବିଲା


ଆଲେଖ୍ୟ

**ସୁଶ୍ରୀ ଋତୁପର୍ଣ୍ଣା ପାଇକରାୟ**

ବିଶେଷଜ୍ଞ (କୃଷି ଓ ପାଣିପାଗ ବିଜ୍ଞାନ)

ସଂପାଦନା

**ଡ. ଇପ୍ସିତା ମିଶ୍ର**

ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ମୁଖ୍ୟ ସମ୍ପାଦକ

**ଡ. ଦେବାଶିଷ ମିଶ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା

## ସଂପ୍ରସାରଣ ପୁସ୍ତିକା ୨୦୨୨-୨୩

# କୃଷି କ୍ଷେତ୍ରରେ ସମ୍ଭାବ୍ୟ ଆପତ୍ତକାଳୀନ ପରିସ୍ଥିତି ଏବଂ ଏହାର ମୁକାବିଲା

ଆଲେଖ୍ୟ
**ସୁଶ୍ରୀ ଋତୁପର୍ଣ୍ଣା ପାଇକରାୟ**
ବିଶେଷଜ୍ଞ (କୃଷି ଓ ପାଣିପାଗ ବିଜ୍ଞାନ)

ସଂପାଦନା
**ଡ. ଇପ୍‌ସିତା ମିଶ୍ର**
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ମୁଖ୍ୟ ସମ୍ପାଦକ
**ଡ. ଦେବାଶିଷ ମିଶ୍ର**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ପ୍ରକାଶକ :
କୃଷି ବିଜ୍ଞାନ କେନ୍ଦ୍ର
ଅନୁଗୋଳ, ଓଡ଼ିଶା

ମୁଦ୍ରଣ :
ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By**
**Sushree Rutuparna Paikaray**
SMS (Agro Meteorology), DAMU

**Editor**
**Dr. Ipsita Mishra**
Scientist (Plant Protection)

**Chief Editor**
**Dr. Debasish Mishra**
Sr. Scientist and Head
KVK, Angul

**Published by :**
Krishi Vigyan Kendra, Angul
kvkangul.ouat@gmail.com

**Printed at :**
Ankita Graphics, Bhubaneswar.
saroj77337@gmail.com
Ph : 9437077337

# କୃଷି କ୍ଷେତ୍ରରେ ଆପତ୍ତକାଳୀନ ପରିସ୍ଥିତିର ମୁକାବିଲା

ଆମ ରାଜ୍ୟ ଓଡ଼ିଶା ଏକ କୃଷି ପ୍ରାଧାନ୍ୟ ରାଜ୍ୟ। ରାଜ୍ୟର ଶତକଡ଼ା ୭୦% ଭାଗ ଲୋକ କୃଷି ଉପରେ ନିର୍ଭର କରି ନିଜର ଜୀବିକା ଯାପନ କରନ୍ତି। ଭୌଗଳିକ ଦୃଷ୍ଟିରୁ ଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଥିବାରୁ ଆମ ରାଜ୍ୟ ବଙ୍ଗୋପସାଗରରେ ଘନୀଭୂତ ହେଉଥିବା ବାତ୍ୟାର ପ୍ରକୋପରେ ମାତ୍ରାଧିକ କ୍ଷତିଗ୍ରସ୍ତ ହୁଏ। ଏହାଛଡ଼ା ରାଜ୍ୟରେ ଅନ୍ୟ ସମୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହେଉଥିବା ଅନିୟମିତ ବର୍ଷା ଏବଂ ମରୁଡ଼ି, ବନ୍ୟା, ବଜ୍ରପାତ, ଗରମ ଲହରୀ ହେତୁ କୃଷି ଏବଂ ପ୍ରାଣୀସମ୍ପଦରେ ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ଆସନ୍ତୁ ଜାଣିବା କୃଷି କ୍ଷେତ୍ରରେ ସମ୍ଭାବ୍ୟ ଆପତ୍ତକାଳୀନ ପରିସ୍ଥିତି ଏବଂ ଏହାର ମୁକାବିଲା କିପରି କରାଯାଇ ପାରିବ।

## କୃଷି କ୍ଷେତ୍ରରେ ବାତ୍ୟା ତଥା ଏହାସହିତ ଜଡ଼ିତ ପ୍ରବଳ ବର୍ଷା ପ୍ରଭାବ

ପ୍ରବଳ ବର୍ଷା ତଥା ଭାରି ପବନ ଜମିରେ ଥିବା ବିଭିନ୍ନ ଫସଲ ଓ ପନିପରିବାକୁ ନଷ୍ଟ କରିଥାଏ। ବନ୍ୟା କୃଷି ଜମିର ମାଟିରେ ବାୟୁହୀନ ପରିସ୍ଥିତି ସୃଷ୍ଟି କରିଥାଏ ଯାହା ଫସଲ ଉତ୍ପାଦନ ଉପରେ କୁପ୍ରଭାବ ପକାଇଥାଏ। ବାୟୁହୀନ ପରିସ୍ଥିତି ଯୋଗୁଁ ରାସାୟନିକ ପ୍ରକ୍ରିୟା ଫଳରେ ମାଟିରେ ନାଇଟ୍ରେଟ୍ ପରିମାଣ କମ୍ ହୋଇଥାଏ ଓ ଯବକ୍ଷାରଜାନ ଗ୍ୟାସ୍ ସୃଷ୍ଟି ହୋଇଥାଏ। ଏହି ପ୍ରକ୍ରିୟାକୁ ଡ଼ିନାଇଟ୍ରିଫିକେସନ୍ କୁହାଯାଏ ଯାହାଫଳରେ ମାଟିରେ ଯବକ୍ଷାରଜାନର ପରିମାଣ କମିଯାଏ। ଭାରି ବର୍ଷାରେ ମୃତ୍ତିକା କ୍ଷୟ ଏବଂ ବିଭିନ୍ନ ପ୍ରକାର କୃଷି ଜନିତ କାର୍ଯ୍ୟ ପଛୁଆରେ ହାନି, ପାଣି ଜମିବା ପରିସ୍ଥିତି ଯୋଗୁଁ ମାଟିରେ ବତର ବଢ଼ିବା ଦ୍ୱାରା ଫସଲରେ ରୋଗ ପୋକଙ୍କ ପ୍ରକୋପ ବୃଦ୍ଧି ପାଇଥାଏ।

## କୃଷି କ୍ଷେତ୍ରରେ ଭାରି ପବନର ପ୍ରଭାବ

ଭାରି ବର୍ଷା ଯୋଗୁଁ ଫସଲରେ କ୍ଷୟକ୍ଷତି / ମୂଳରୁ ଉପୁଡ଼ିଯିବା ପରିସ୍ଥିତି ହୋଇଥାଏ। ଅତ୍ୟଧିକ ପବନ ଯୋଗୁଁ ଅମଳ ଉପଯୋଗୀ ଫସଲ ନଷ୍ଟ ହୋଇଯାଇଥାଏ। ଆଖୁ, କଳଦୀ, ସଜନା, ମକା ଏବଂ ଅମୃତଭଣ୍ଡା ଭଳି ଫସଲ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି। ଏହା ବିଭିନ୍ନ କୃଷି କାର୍ଯ୍ୟ ଯଥା ସାର ପ୍ରୟୋଗ ଓ କୀଟନାଶକ ସିଞ୍ଚନରେ ପ୍ରତିବନ୍ଧକ ସୃଷ୍ଟି କରେ।

### ବାତ୍ୟା ପୂର୍ବରୁ କ'ଣ କରିବା ଉଚିତ୍

୧. ଯଦି ଫସଲ ୮୦% ଅମଳ ଅବସ୍ଥାରେ ଅଛି ଏହାକୁ ପ୍ରାକ୍ ଅମଳ କରିଦିଅନ୍ତୁ।

୨. ଅମଳ ପରେ ଫସଲକୁ ଶୁଷ୍କ ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ।

୩. ଅସୁରକ୍ଷିତ ନଦୀବନ୍ଧ ଓ ଜଳସେଚିତ କେନାଲକୁ ମରାମତି ବ୍ୟବସ୍ଥା କରନ୍ତୁ।

୪. ଅତ୍ୟଧିକ ପାଣି ଜମୁଥିବା ଜାଗାରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ।

୫. ଉଦ୍ୟାନଜାତୀୟ ବୃକ୍ଷ ଓ ଲତା ଜାତୀୟ ପନିପରିବାରେ ଭାରା ଦିଅନ୍ତୁ ଯାହାଦ୍ୱାରା ଏହା ମୂଳରୁ ପଡ଼ିବ ନାହିଁ।

୬. ଯଦି ଆପଣଙ୍କ କ୍ଷେତ୍ରରେ ବନ୍ୟା ବାରମ୍ବାର ହେଉଛି ତାହାହେଲେ ଧାନ ଭଳି ଫସଲକୁ ଲଗାନ୍ତୁ ଯାହା ପାଣି ଜମୁଥିବା ତଥା ସମ୍ପୂର୍ଣ୍ଣ ରୂପେ ବତର ଥିବା ଜାଗାରେ ହୋଇପାରିବ।

୭. ଯେଉଁ ଫସଲଗୁଡ଼ିକ ଅତ୍ୟଧିକ ଜଳକୁ ଆବଶ୍ୟକ କରନ୍ତି ସେମାନଙ୍କୁ ପ୍ରତିବନ୍ଧକରୂପେ (ଆନୁଭୂମିକ ଓ ଭୂଲମ୍ବ) ଲଗାନ୍ତୁ ଯାହାଦ୍ୱାରା ବନ୍ୟାର ପ୍ରଭାବ କମ୍ ହୋଇପାରିବ।

୮. ଆଖୁ ଗଛ ଗୁଡ଼ିକୁ ଗୋଛା କରି ବାନ୍ଧନ୍ତୁ।

୯. ଅତ୍ୟଧିକ ପବନରୁ ଗୁହାଳ ତଥା ଫାର୍ମକୁ ରକ୍ଷା କରିବାପାଇଁ ପ୍ରତିବନ୍ଧକ ସୃଷ୍ଟିକରନ୍ତୁ।

୧୦. ପଶୁପକ୍ଷୀଙ୍କୁ ସୁରକ୍ଷିତ ଗୁହାଳ ଓ ଫାର୍ମରେ ରଖନ୍ତୁ। ସ୍ୱଚ୍ଛ ପାନୀୟ ଜଳ ଓ ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ କରି ରଖନ୍ତୁ।

୧୧. କୁକୁଡ଼ା ଫାର୍ମର ଚାରିପଟ ଅଖା ଦ୍ୱାରା ଆଚ୍ଛାଦନ କରନ୍ତୁ।

## ବାତ୍ୟା ପରେ କ'ଣ କରିବା ଉଚିତ୍

୧. ବାତ୍ୟା ପରେ ଜମିରୁ ଅତ୍ୟଧିକ ପାଣିକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଓ ଆଖୁ ତଥା କଦଳୀ ଗଛକୁ ଭାରା ଦିଅନ୍ତୁ ଯେପରି ଏହା ପଡ଼ିବ ନାହିଁ। ପନିପରିବା ଓ ଫଳ ଗଛକୁ ମଧ୍ୟ ଆଧାର ତଥା ଭାରା ଦିଅନ୍ତୁ ଯେପରିକି ଏହା କ୍ଷତିଗ୍ରସ୍ତ ହେବ ନାହିଁ।

୨. ବାତ୍ୟା ପରବର୍ତ୍ତୀ ସମୟରେ ଅତିରିକ୍ତ ଯବକ୍ଷାରଜାନ ସାରକୁ ଗଛ ମୂଳରେ ପକାନ୍ତୁ ଏବଂ ପତ୍ର ସିଞ୍ଚନ କରନ୍ତୁ ଯାହାଦ୍ୱାରା ଫସଲ ଯଥାଶିଘ୍ର କ୍ଷତିରୁ ରକ୍ଷା ପାଇପାରିବ।

୩. ବାତ୍ୟା ପରବର୍ତ୍ତୀ ଜଳମଗ୍ନ ପରିସ୍ଥିତି ଯୋଗୁଁ ମାଟି ଓ ଫସଲରେ ଅଣୁସାରର ଅଭାବ ଦେଖାଯାଏ ତେଣୁ ବାତ୍ୟା ପରେ ଅଣୁସାରକୁ ଯଥାଶୀଘ୍ର ପତ୍ର ସିଞ୍ଚନ କରନ୍ତୁ।

୪. ଯଦି ଭୌତିକ ପରିପକ୍ୱତା ଫସଲରେ ଆସିଯାଇଛି ତେବେ ଫସଲକୁ କାଟି ଏହାକୁ ଶୁଖାଇବା ବ୍ୟବସ୍ଥା କରନ୍ତୁ।

## କ'ଣ ନକରିବା ଉଚିତ

୧. ବାତ୍ୟା ସମୟରେ କୀଟନାଶକ ଏବଂ ସାର ପ୍ରୟୋଗକୁ ସ୍ଥଗିତ ରଖନ୍ତୁ।

୨. ଅମଳ ହୋଇସାରିଥିବା ପନିପରିବା ଓ ଫସଲକୁ ବାହାରେ ଖୋଲା ଜମିରେ ପଡ଼ିବାକୁ ଦିଅନ୍ତୁ ନାହିଁ।

୩. ମତ୍ସ୍ୟଜିବୀ ଭାଇମାନେ ବାତ୍ୟା ସମୟରେ ସମୁଦ୍ରକୁ ଯାଆନ୍ତୁ ନାହିଁ।

୪. ପଶୁପକ୍ଷୀଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ।

୫. ଜମିରେ ଥିବା କୁଡ଼ିଆ ଘର ଏବଂ ଗଛ ତଳେ ଆଶ୍ରୟ ନିଅନ୍ତୁ ନାହିଁ।

## ମରୁଡ଼ି ଓ ଶୁଷ୍କ ଅବଧିର କୃଷି କ୍ଷେତ୍ରରେ ପ୍ରଭାବ

ବର୍ଷା ଭାବରେ ଜଳାଶ୍ରୟମାନଙ୍କର ଜଳସ୍ତରରେ ହ୍ରସ ଏବଂ ମୃତ୍ତିକାରେ ଆର୍ଦ୍ରତାର ପରିମାଣ କମ୍ ହେବା ସହ ଫସଲର ବୃଦ୍ଧି (growth rate) ଧିର ହୋଇଯାଏ ଏବଂ ଶେଷରେ ଫସଲର ଉତ୍ପାଦନ କମିଯାଏ। ଦୀର୍ଘ ମରୁଡ଼ିର ପ୍ରଭାବରେ ବେଳେବେଳେ ସଂମ୍ପୂର୍ଣ୍ଣ ଫସଲ ଜଳାଭାବରେ ନଷ୍ଟ ହୋଇଥାଏ। ପନିପରିବା ଫସଲରେ ଫୁଲଆସିବା ସମୟରେ ଜଳାଭାବ ଦେଖାଦେଲେ ଫୁଲଗୁଡ଼ିକ ଝଡ଼ିଯିବା ସହ ଫସଲର ଉତ୍ପାଦନ କ୍ଷମତା ହ୍ରାସ ହୋଇଯାଇଥାଏ।

## ମରୁଡ଼ି /ଶୁଷ୍କ ଅବଧିରେ କ'ଣ କରିବା ଉଚିତ୍ ଓ କ'ଣ ନକରିବା ଉଚିତ୍

୧. ବର୍ଷା ଜଳକୁ ସଞ୍ଚିତ କରି ରଖନ୍ତୁ ବର୍ଷାଦିନ ପୂର୍ବରୁ ଜଳ ଭଣ୍ଡାର ଗୁଡ଼ିକୁ ମରାମତି କରନ୍ତୁ। ଚାଷ ଜମିର ହୁଡ଼ାକୁ ମଜଭୁତ କରନ୍ତୁ। ଯାହାଫଳରେ ବର୍ଷା ଜଳ ସଂରକ୍ଷିତ ହୋଇ ରହିପାରିବ।

୨. କମ୍ ଜଳ ଦରକାର କରୁଥିବା ତଥା ମରୁଡ଼ି ସହନଶୀଳ ଫସଲ କିସମକୁ ଲଗାନ୍ତୁ।

୩. ବୁନ୍ଦା ଓ ସିଞ୍ଚନ ପ୍ରଣାଳୀରେ ଜଳସେଚନ କରନ୍ତୁ ଓ ଫସଲକୁ ସଂନ୍ଧ୍ୟାବେଳେ ଜଳସେଚନ କରନ୍ତୁ।

୪. ଜମିରୁ ଅନାବନା ଘାସକୁ ବାହାର କରିଦିଅନ୍ତୁ ଏବଂ ସେହି ଅନାବନା ଘାସକୁ ଜଳ ସଂରକ୍ଷଣ ପାଇଁ ମାଟି ଉପରେ ଆଚ୍ଛାଦନ ପାଇଁ ବ୍ୟବହାର କରନ୍ତୁ।

୫. ମାଟିରେ ବତର ସଂରକ୍ଷଣ ପାଇଁ ଅନ୍ତଃଚାଷ ଓ କୋଡ଼ାଖୋସା କରନ୍ତୁ। ଅନାବନା ଘାସ ବାଛନ୍ତୁ ଓ ମାଟିର ଉପର ଟାଣୁଆ ସ୍ତରକୁ ଭାଙ୍ଗନ୍ତୁ।

୬. ମୌସୁମୀ ଆଗମନର ବିଳମ୍ବ ଓ ଶୁଷ୍କ ଅବଧୀ ପାଇଁ ଫସଲରେ ଆକସ୍ମିକ ଯୋଜନା ପ୍ରସ୍ତୁତ କରନ୍ତୁ ଓ ଉପଯୁକ୍ତ ଫସଲ ପର୍ଯ୍ୟାୟକରଣ ଅବଲମ୍ବନ କରନ୍ତୁ।

୭. ଅତ୍ୟଧିକ ମରୁଡ଼ି ହେଉଥିବା କୃଷି କ୍ଷେତ୍ରରେ କମ୍ ଅବଧି ଫସଲ ତଥା କମ୍ ଜଳ ଆବଶ୍ୟକ କରୁଥିବା ଫସଲ ଲଗାନ୍ତୁ। କମ୍ ଅବଧୀ କିସମ ଗୁଡ଼ିକ ସଂଗ୍ରହ କରନ୍ତୁ।

୮. ଭଲ ଗୁଣବତା କିସମଗୁଡିକୁ ଯଥାଶୀଘ୍ର ବିତରଣ ପାଇଁ ବିହନ ମହଜୁଦ ରଖନ୍ତୁ।

୯. ଚାଷୀଭାଇମାନେ କୃଷି କାର୍ଯ୍ୟପନ୍ଥା ଯଥା ଆଚ୍ଛାଦିକରଣ, ଘାସ ଦମନ ଓ ଅନ୍ତଃଚାଷକୁ ବିକଳ୍ପ ପ୍ରକ୍ରିୟା ରୂପେ ଚୟନ କରନ୍ତୁ।

୧୦. ସୁବାବୁଲ, ସୀମାରୁବା, କାସୁରିନା ଓ ୟୁକାଲିପଟାସ ଆଦି ବନୀକରଣ କରନ୍ତୁ।

୧୧. ପଶୁ ଶିବିର ପାଇଁ ଗୁଣବତ୍ତା ଥିବା ପଶୁଖାଦ୍ୟ ଓ ଚାରା ଉପଲବ୍ଧ କରାନ୍ତୁ।

୧୨. ସମନ୍ୱିତ ଉପାୟରେ ଫସଲରେ ଶୋଷକ କୀଟ ଗୁଡ଼ିକୁ ନିୟନ୍ତ୍ରଣ କରନ୍ତୁ।

୧୩. ଶୁଷ୍କ ଅବଧୀ ସମୟରେ ଯବକ୍ଷାରଜାନ ସାର ଓ ଅନ୍ୟାନ୍ୟ ଅଣୁସାରକୁ ପତ୍ରସିଞ୍ଚନ କରିବା ଦ୍ୱାରା ଫସଲକୁ ରକ୍ଷା କରିବା ସହିତ ସେମାନଙ୍କ ସହନଶୀଳ କ୍ଷମତାକୁ ବୃଦ୍ଧି କରାଯାଇପାରିବ।

୧୪. କପାଜାତୀୟ ପ୍ରସସ୍ତ ଧାଡ଼ି ଫସଲରେ ଧାଡ଼ିଏ ଛାଡ଼ି ତା'ପର ଧାଡ଼ିରେ (ସ୍କିପ୍ ରୋ) ପ୍ରଣାଳୀରେ ଜଳସେଚନ କରାନ୍ତୁ।

୧୫. ପତ୍ରରୁ ବାଷ୍ପୀକରଣ ହ୍ରାସକ ଦ୍ରବ୍ୟ ଯଥା, କେଓଲିନାଇଟ୍ (୬%), ସାଇକୋସିଲ୍ (୦.୦୩%) କିମ୍ବା ଫିନାଇଲ୍ ମର୍କ୍ୟୁରିକ୍ ଅମ୍ଳ ଆଦି ପତ୍ର ଉପରେ ସିଞ୍ଚନ କରନ୍ତୁ।

୧୬. ସାରର ମାତ୍ରାକୁ କମାନ୍ତୁ କିମ୍ବା ଏହାର ପ୍ରୟୋଗକୁ ବିଳମ୍ବ କରନ୍ତୁ।

୧୭. ଧାନ କିସମ ଯଥା ସହଭାଗୀ, ବୀଣା-୧୧, ଡିଆର୍‌ଆର୍-୩୯, ଡିଆର୍‌ଆର୍-୪୨, ମନ୍ଦାକିନୀ ଆଦି କିସମ ବ୍ୟବହାର କରନ୍ତୁ।

୧୮. ଯଦି ଧାନ ଗଛ ସଂଖ୍ୟା ୫୦%ରୁ ଅଧିକ ଥାଏ, ତେବେ ଘାସ ବଛାବଛି ସାରି ଖେଳୁଆ ପ୍ରକ୍ରିୟା ଦ୍ୱାରା ଗଛଗୁଡ଼ିକୁ ଜମିରେ ସମାନ ଭାବରେ ବାଣ୍ଟି ରୋଇଦିଅନ୍ତୁ।

୧୯. ଧାନ ରୁଆ ପରେ ଯଦି ଜମିରେ ଆବଶ୍ୟକୀୟ ପରିମାଣରେ ବତର ନଥାଏ, ତେବେ ଘାସମରା ଏବଂ ଅଗ୍ରସାର ପ୍ରୟୋଗକୁ ସାମୟିକରୂପେ ବନ୍ଦ କରନ୍ତୁ।

୨୦. ବର୍ଷାଶ୍ରିତ ଉଚ୍ଚ ଜମିରେ ଅଣଧାନ ଫସଲ ଯଥା ମୁଗ, ବିରି, ହରଡ଼, ରାଶି ତଥା ଚିନା ବାଦାମ ଆଦି ଫସଲ କରନ୍ତୁ।

## ଝାଞ୍ଜି ପବନର କୃଷି ଓ ପ୍ରାଣୀ ସମ୍ପଦ ଉପରେ ପ୍ରଭାବ

ଝାଞ୍ଜି ପବନ ମୁଖ୍ୟତଃ ଖରା ଦିନ ମାର୍ଚ୍ଚରୁ ମେ' ମାସ ମଧ୍ୟରେ ପ୍ରବାହିତ ହୋଇଥାଏ। ଏହି ଆର୍ଦ୍ରତା ବିହୀନ ଶୁଷ୍କ ପବନର ପ୍ରଭାବରେ ମୃତ୍ତିକା ତଥା ଗଛର ଜଳୀୟଅଂଶ କମି ଆଲୋକ ସଂଶ୍ଲେଷଣ ପ୍ରକ୍ରିୟା ଉପରେ ପ୍ରଭାବ ପକାଇବା ସହ ଫସଲ ଉତ୍ପାଦନ କମାଇ ଦେଇଥାଏ।

### ଗରମ ଲହରୀରେ କୃଷିକ୍ଷେତ୍ର ପାଇଁ ଜରୁରୀ ପଦକ୍ଷେପ

୧. ଜମିରେ ଥିବା ଫସଲରେ ସାମାନ୍ୟ ଓ ବାରମ୍ବାର ଜଳସେଚନ କରନ୍ତୁ।

୨. ଫସଲର ବିଭିନ୍ନ ସଙ୍କଟ କାଳ ଯଥା- ବୃଦ୍ଧି, ଫୁଲ ଆସିବା, ପରାଗ ସଙ୍ଗମ ଆଦି ସମୟରେ ନିଶ୍ଚିତରୂପେ ଜଳସେଚନର ବ୍ୟବସ୍ଥା କରନ୍ତୁ।

୩. ଫସଲ ଓ ମାଟିକୁ ନଡ଼ା, ପଲିଥିନ୍ ଓ ଫସଲ ଅବଶେଷାଂଶ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ଯାହାଦ୍ୱାରା ମାଟିରେ ବତର ସଂରକ୍ଷିତ ରହିବ।

୪. ସକାଳେ ଓ ସଂନ୍ଧ୍ୟାରେ ହିଁ ଜଳସେଚନ କରନ୍ତୁ।

୫. ସିଞ୍ଚନ ତଥା ବୁନ୍ଦା ପ୍ରଣାଳୀରେ ଜଳସେଚନ କରନ୍ତୁ।

୬. ଯଦି ଆପଣଙ୍କ କୃଷିକ୍ଷେତ୍ର ଗରମ ଲହରୀ/ଝାଞ୍ଜିରେ ବାରମ୍ବାର ପ୍ରଭାବିତ ତେବେ ଜମି ଚାରିପଟେ ପବନ/ଝାଞ୍ଜି ପ୍ରତିରୋଧକ ଗଛ ଲଗାନ୍ତୁ।

### ପଶୁପାଳନ:

#### କ'ଣ ନକରିବା ଉଚିତ

ପଶୁପକ୍ଷୀଙ୍କୁ ଖରାବେଳେ ବାହାରେ ଚରିବାକୁ ଛାଡ଼ନ୍ତୁ ନାହିଁ କିମ୍ବା ବାହାରେ ଖାଇବାକୁ ଦିଅନ୍ତୁ ନାହିଁ।

#### କ'ଣ କରିବା ଉଚିତ

୧. ପଶୁପକ୍ଷୀଙ୍କୁ ଉପଯୁକ୍ତ ବାସସ୍ଥାନରେ ରଖନ୍ତୁ ଓ ସେମାନଙ୍କୁ ପ୍ରଚୁର ପରିମାଣର ଥଣ୍ଡା ପାନୀୟଜଳ ପିଇବାକୁ ଦିଅନ୍ତୁ।

୨. ସେମାନଙ୍କୁ ଦିନ ୧୧ ରୁ ସଂନ୍ଧ୍ୟା ୪ଟା ଭିତରେ ବାହାରକୁ ଛାଡ଼ନ୍ତୁ ନାହିଁ।

୩. ଗୁହାଳ ଓ ଅନ୍ୟାନ୍ୟ ବାସସ୍ଥାନର ଛାତକୁ ନଡ଼ା, ଧଳା ଚୁନ କିମ୍ବା ପ୍ଲାଷ୍ଟରକୁ ଗୋବର କାଦୁଅ ସହିତ ମିଶାଇ ପ୍ରଲେପ ଦିଅନ୍ତୁ, ଯାହା ତାପମାତ୍ରାକୁ କମାଇବାରେ ସହାୟକ ହେବ।

୪. ଫାର୍ମ ଓ ଗୁହାଳ ଭିତରେ ପଙ୍ଖା, ଜଳ ଓ କୁହୁଡ଼ି ସ୍ପ୍ରେଅରକୁ ବ୍ୟବହାର କରନ୍ତୁ।

୫. ଅଧିକ ତାପମାତ୍ରା ହେଲେ ଗାଈଗୋରୁଙ୍କୁ ପାଣି ଦ୍ୱାରା ଗାଧାନ୍ତୁ କିମ୍ବା କୌଣସି ଜଳ ଭଣ୍ଡାରରେ କିଛି ସମୟପାଇଁ ସେମାନଙ୍କୁ ଛାଡ଼ି ଦିଅନ୍ତୁ ଯେପରିକି ସେମାନଙ୍କ ଶରୀରର ତାପମାତ୍ରା କମିଯିବ।

୬. ପଶୁମାନଙ୍କୁ ସବୁଜ ଘାସ, ପୃଷ୍ଟିସାର-ଚର୍ବି ଜାତୀୟ ଖାଦ୍ୟ, ମିଶ୍ରିତ ଖଣିଜ ଲବଣ ଓ ଲୁଣ ଖାଇବାକୁ ଦିଅନ୍ତୁ। ସେମାନଙ୍କୁ ପ୍ରାତଃ ସମୟ କିମ୍ବା ଥଣ୍ଡା ସମୟରେ ଚରିବାକୁ ଛାଡ଼ନ୍ତୁ।

୭. କୁକୁଡ଼ା ଫାର୍ମକୁ ପରଦା ଦ୍ୱାରା ଆଚ୍ଛାଦନ କରନ୍ତୁ ଓ ଗୃହ ଭିତରେ ବାୟୁ ଚଳାଚଳକୁ ଗୁରୁତ୍ୱ ଦିଅନ୍ତୁ।

ସର୍ବ ଶେଷରେ ଏତିକି କୁହାଯାଇ ପାରେ ଯେ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଏଡ଼ାଇବା ଅସମ୍ଭବ କିନ୍ତୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ଏହାର କୁପ୍ରଭାବରୁ ଫସଲ ଓ ପ୍ରାଣୀସମ୍ପଦକୁ ମାତ୍ରାଧିକ କ୍ଷତିରୁ ବଞ୍ଚାଯାଇ ପାରିବ।

---

ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହ ଯୋଗାଯୋଗ କରନ୍ତୁ